# .. ଶ୍ରୀମଦ୍ଭଗବଦ୍ଗୀତା ସପ୍ତମୋଽଧ୍ୟାୟଃ (ଜ୍ଞାନବିଜ୍ଞାନଯୋଗଃ) ..

CHAPTER 7
SELF-KNOWLEDGE AND SELF-REALIZATION

**ଅଥ ସପ୍ତମୋଽଧ୍ୟାୟଃ . ଜ୍ଞାନବିଜ୍ଞାନଯୋଗଃ**

**ଶ୍ରୀଭଗବାନୁବାଚ .**

**ମୟ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ .**

**ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ .. ୭-୧..**

ଶ୍ରୀଭଗବାନ୍ କହିଲେ ---- ହେ ପାର୍ଥ! ଅନନ୍ୟପ୍ରେମରେ ମୋଠାରେ ଆସକ୍ତିଚିତ୍ତ ହୋଇ ତଥା ଅନନ୍ୟଭାବରେ ମୋର ପରାୟଣ ହୋଇ ଯୋଗରତ ହେଲେ ତୁମେ ଯେପରି ସକଳ ବିଭୁତି, ବଳ, ଐଶ୍ୱର୍ଯ୍ୟାଦି ଗୁଣଯୁକ୍ତ ଓ ସମସ୍ତଙ୍କର ଆତ୍ମରୂପ ମୋତେ ନିଃସଂଶୟଭାବରେ ଜାଣିପାରିବ, ତାହା ଶୁଣ ||୭-୦୧ ||

The Supreme Lord said: O Arjuna, listen how you shall know Me completely without any doubt, with your mind absorbed in Me, taking refuge in Me, and performing yogic practices. (7.01)

**ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ .**

**ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ .. ୭-୨..**

ମୁଁ ତୁମକୁ ବିଜ୍ଞାନ ସହିତ ଏହି ତତ୍ତ୍ୱଜ୍ଞାନ ସଂପୂର୍ଣ୍ଣଭାବରେ କହିଦେବି; ଏହା ଜାଣିଗଲେ ସଂସାରରେ ଆଉ କିଛି ଜାଣିବାର ଯୋଗ୍ୟ ବସ୍ତୁ ବାକି ରହିଯାଏ ନାହିଁ ||୭-୦୨ ||

I shall fully explain to you the Self-knowledge together with Self-realization after knowing that nothing more remains to be known in this world. (7.02)

**ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ୟତତି ସିଦ୍ଧୟେ .**

**ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ .. ୭-୩..**

ସହସ୍ର ସହସ୍ର ମନୁଷ୍ୟଙ୍କ ମଧ୍ୟରୁ କ୍ୱଚିତ୍ କେହି ଜଣେ ମୋର ପ୍ରାପ୍ତିପାଇଁ ଯତ୍ନ କରିଥାନ୍ତି ଏବଂ ସେହି ଯତ୍ନ କରୁଥିବା ଯୋଗୀମାନଙ୍କ ମଧ୍ୟରୁ ବି କ୍ୱଚିତ୍ କେହି ଜଣେ ମୋର ପରାୟଣ ହୋଇ ମୋତେ ତତ୍ତ୍ୱତଃ ଯଥାର୍ଥରୂପରେ ଜାଣନ୍ତି ||୭-୦୩ ||

Scarcely one out of thousands of persons strives for perfection of Self-realization. Scarcely any one of the striving, or even the perfected persons, truly understands Me. (7.03)

## ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ .

## ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା .. ୭-୪..

## ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ .

## ଜୀବଭୂତାଂ ମହାବାହୋ ୟୟେଦଂ ଧାର୍ୟତେ ଜଗତ୍ .. ୭-୫..

ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର -- ଏପରି ଆଠ ପ୍ରକାରରେ ବିଭକ୍ତ ପ୍ରକୃତି ମୋର ହିଁ ପ୍ରକୃତି ଅଟେ | ଏହି ଆଠପ୍ରକାରେ ବିଭକ୍ତ ପ୍ରକୃତି ତ ମୋର ଅପରା ଅର୍ଥାତ୍ ଜଡପ୍ରକୃତି | ହେ ମହାବାହୁ! ଏହାଠାରୁ ଭିନ୍ନ ଅନ୍ୟ ପ୍ରକୃତି, ଯାହା କି ସମସ୍ତ ଜଗତକୁ ଧରିରଖିଛି, ତାହା ମୋର ଜୀବରୂପା ପରା ଅର୍ଥାତ୍ ଚେତନପ୍ରକୃତି ବୋଲି ଜାଣ ||୭-୦୪-୦୫ ||

The mind, intellect, ego, ether, air, fire, water, and earth are the eightfold transformation of My Prakriti. (See also 13.05) (7.04)

That which creates diversity, and all that can be seen or known is called Prakriti. Prakriti is also the material cause or the material out of which everything is made. Prakriti is the original source of the material world consisting of three Gunas, and eight basic elements out of which everything in this universe has evolved according to Saamkhya doctrine. Prakriti is also referred to as Asat, perishable, body, matter, nature, material nature, Maya, Mahat Brahma, field, creation, and manifest state.  This Prakriti is My lower energy. My other higher energy is the Purusha by which this entire universe is sustained, O Arjuna. (7.05)

## ଏତଦ୍ୟୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ .

## ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା .. ୭-୬..

ହେ ଅର୍ଜୁନ! ତୁମେ ଜାଣ ଯେ, ସକଳ ଭୂତ ଏହି ଦୁଇ ପ୍ରକୃତିରୁ ହିଁ ଜାତ ହୋଇଛନ୍ତି ଏବଂ ମୁଁ ହେଉଛି ସମଗ୍ର ଜଗତର ଉତ୍ପତ୍ତି ତଥା ପ୍ରଳୟର ହେତୁ; ଅର୍ଥାତ୍ ମୁଁ ସମ୍ପୂର୍ଣ୍ଣ ଜଗତର ମୂଳକାରଣ ||୭-୦୬ ||

Purusha is the consciousness that observes, witnesses, watches, and supervises Prakrti. It is the spiritual energy or the efficient cause of the universe. This is also referred to as Sat, imperishable, Atma, consciousness, spirit, self, soul, energy, field knower, creator, and the unmanifest state. Prakriti and Purusha are not two independent identities but the two aspects of Brahman, the Absolute Reality.  Know that all creatures have evolved from this twofold energy, and Brahman is the origin as well as the dissolution of the entire universe. (See also 13.26) (7.06)

**ମତ୍ତଃ ପରତରଂ ନାନ୍ୟତ୍କିଂଚିଦସ୍ତି ଧନଂଜୟ .**

**ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ .. ୭-୭..**

ହେ ଧନଞ୍ଜୟ! ମୋଠାରୁ ଭିନ୍ନ ଅନ୍ୟ କୌଣସି ପରମକାରଣ ନାହିଁ | ସୂତାରେ ସୂତାର ମଣିଗୁଡିଏ ଗୁନ୍ଥି ହୋଇଥିବା ପରି ଏହି ସମସ୍ତ ଜଗତ ମୋଠାରେ ଗୁନ୍ଥା ହୋଇ ରହିଛି, ଅର୍ଥାତ୍ ଏହି ସମସ୍ତ ଜଗତରେ ମୁଁ ଓତପ୍ରୋତ ହୋଇ ରହିଛି ||୭-୦୭ || O Arjuna, there is nothing higher than Brahman. Everything in the universe is strung on Brahman like jewels on the thread of a necklace. (7.07)

**ରସୋଽହମପ୍ସୁ କୌଂତେୟ ପ୍ରଭାସ୍ମି ଶଶିସୂର୍ୟୟୋଃ .**

**ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ .. ୭-୮..**

ହେ ଅର୍ଜୁନ! ମୁଁ ହେଉଛି ଜଳରେ ରସ, ଚନ୍ଦ୍ର ଓ ସୂର୍ଯ୍ୟରେ ଆଲୋକ, ସକଳ ବେଦରେ ଓଁକାର, ଆକାଶରେ ଶବ୍ଦ ଏବଂ ପୁରୁଷମାନଙ୍କ ଠାରେ ପୁରୁଷତ୍ୱ ||୭-୦୮ || O Arjuna, I am the sapidity in the water, I am the radiance in the sun and the moon, the sacred syllable OM in all the Vedas, the sound in the ether, and the manhood in men. (7.08)

**ପୁଣ୍ୟୋ ଗଂଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ .**

**ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ .. ୭-୯..**

ମୁଁ ପୃଥିବୀରେ ପବିତ୍ର ଗନ୍ଧ, ଅଗ୍ନିରେ ତେଜ ତଥା ସକଳ ଜୀବଙ୍କ ଠାରେ ଜୀବନ ଓ ତପସ୍ୱୀମାନଙ୍କ ଠାରେ ତପ ଅଟେ ||୭-୦୯ || I am the sweet fragrance in the earth. I am the heat in the fire, the life in all living beings, and the austerity in the ascetics. (7.09)

**ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ .**

**ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍ .. ୭-୧୦..**

ହେ ଅର୍ଜୁନ! ତୁମେ ମୋତେ ହିଁ ସକଳ ଭୂତଙ୍କର ସନାତନ ବୀଜ ବୋଲି ଜାଣ | ମୁଁ ହିଁ ବୁଦ୍ଧିମାନ୍‌ମାନଙ୍କର ବୁଦ୍ଧି ଓ ତେଜସ୍ୱୀମାନଙ୍କର ତେଜ ଅଟେ | ||୭-୧୦ || O Arjuna, know Me to be the eternal seed of all creatures. I am the intelligence of the intelligent, and the brilliance of the brilliant. (See also 9.18 and 10.39) (7.10)

**ବଲଂ ବଲବତାଂ ଚାହଂ କାମରାଗବିବର୍ଜିତମ୍ .**

**ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ .. ୭-୧୧..**

ହେ ଭରତଶ୍ରେଷ୍ଠ ! ମୁଁ ବଳବାନ୍‌ମାନଙ୍କର ଆସକ୍ତିରହିତ ଓ କାମନାରହିତ ବଳ ଅର୍ଥାତ୍ ସାମର୍ଥ୍ୟ ଏବଂ ସକଳ ପ୍ରାଣୀମାନଙ୍କ ମଧ୍ୟରେ ଧର୍ମର ଅବିରୁଦ୍ଧ ଅର୍ଥାତ୍ ଶାସ୍ତ୍ରର ଅନୁକୂଳ କାମ ଅଟେ ||୭-୧୧|| I am the strength, that is devoid of lust and attachment, of the strong. I am the lust (or Kaama) in human beings that is in accord with Dharma (for procreation), O Arjuna. (7.11)

## ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ .

## ମତ୍ତ ଏବେତି ତାନ୍ଵିଦ୍ଧି ନ ତ୍ୱହଂ ତେଷୁ ତେ ମୟି .. ୭-୧୨..

ଆହୁରି ମଧ୍ୟ ସତ୍ତ୍ୱଗୁଣରୁ ଜାତ ଯେଉଁସବୁ ଭାବ ରହିଛି ଏବଂ ରଜୋଗୁଣରୁ ତଥା ତମୋଗୁଣରୁ ଜାତ ଯେଉଁସବୁ ଭାବ ରହିଛି, ସେସବୁ ମୋଠାରୁ ଉତ୍ପନ୍ନ ବୋଲି ଜାଣ; କିନ୍ତୁ ପ୍ରକୃତରେ ମୁଁ ସେସବୁରେ  ନାହିଁ, କି ସେସବୁ ମୋଠାରେ ନାହାନ୍ତି  ||୭-୧୨||

Know that the three Gunas, Saattvika, Raajasika, and Taamasika, also emanate from Me. I am not in (or dependent on) the Gunas, but the Gunas are in (or dependent on) Me. (See also 9.04 and 9.05)  (7.12)

## ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ .

## ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ .. ୭-୧୩..

ଗୁଣମାନଙ୍କର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ ଓ ତାମସ- ଏହି ତିନିପ୍ରକର ଭାବଦ୍ୱାରା ଏହି ସାରା ସଂସାର ଅର୍ଥାତ୍ ପ୍ରାଣୀସମୁଦାୟ ମୋହିତ ହେଉଛି, ଏଣୁ ଏହି ତିନିଗୁଣରୁ ଅତୀତ ହୋଇ ରହିଥିବା ଅବିନାଶୀସ୍ୱରୂପ ମୋତେ ଚିହ୍ନୁ ନାହିଁ  ||୭-୧୩||

Human beings are deluded by these three Gunas of nature; therefore, they do not know Me who is above these Gunas and eternal. (7.13)

## ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା .

## ମାମେବ ଯେ ପ୍ରପଦ୍ୟଂତେ ମାୟାମେତାଂ ତରଂତି ତେ .. ୭-୧୪..

କାରଣ ମୋର ଏହି ମାୟା ଅଲୌକିକ ଅର୍ଥାତ୍ ଅତ୍ୟନ୍ତ ଅଦ୍ଭୁତ  ଓ ତ୍ରିଗୁଣମୟୀ ହୋଇଥିବାରୁ ବଡ ଦୁସ୍ତର | ପରନ୍ତୁ ଯେଉଁମାନେ କେବଳ ମୋତେ ହିଁ ନିରନ୍ତର ଭଜନ କରନ୍ତି, ସେମାନେ ଏହି ମାୟାକୁ ଉଲ୍ଲଘଂନ କରିଯାଆନ୍ତି ଅର୍ଥାତ୍ ସଂସାରରୁ ତରିଯାଆନ୍ତି ||୭-୧୪ ||

My divine Maya consisting of three Gunas or states of mind is difficult to overcome. Only they who surrender unto Me cross over this Maya. (See also 14.26, 15.19, and 18.66) (7.14)

## ନ ମାଂ ଦୁଷ୍କୃତିନୋ ମୂଢାଃ ପ୍ରପଦ୍ୟଂତେ ନରାଧମାଃ .

## ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ .. ୭-୧୫..

ଯେଉଁମାନଙ୍କର ଜ୍ଞାନ ମାୟାଦ୍ୱାରା ଅପହୃତ ହୋଇଯାଇଛି, ସେପରି ଆସୁରସ୍ୱଭାବ ଧରିଥିବା ଲୋକମାନେ ତଥା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ,ଦୂଷିତକର୍ମା ମୂଢମାନେ ମୋତେ ଭଜନ କରନ୍ତି ନାହିଁ ||୭-୧୫ ||

The evil doers, the ignorant, the lowest persons who are attached to demonic nature, and whose intellect has been taken away by Maya do not worship or seek Me. (7.15)

## ଚତୁର୍ବିଧା ଭଜଂତେ ମାଂ ଜନାଃ ସୁକୃତିନୋଽର୍ଜୁନ .

## ଆର୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ .. ୭-୧୬..

ହେ ଭରତବଂଶୀଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ! ଉତ୍ତମକର୍ମ କରୁଥିବା ଅର୍ଥାର୍ଥୀ,ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ ---ଏପରି ଚାରିପ୍ରକାର ଭକ୍ତଜନ ମୋତେ ଭଜନ କରନ୍ତି ||୭-୧୬ || Four types of virtuous ones worship or seek Me, O Arjuna. They are: the distressed, the seeker of Self-knowledge, the seeker of wealth, and the wise one who knows the Supreme. (7.16)

## ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ .

## ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ .. ୭-୧୭..

ସେମାନଙ୍କ ମଧ୍ୟରେ ମୋ ଠାରେ ନିତ୍ୟ ଏକୀଭାବରେ ସ୍ଥିତ ଏବଂ ଅନନ୍ୟ ପ୍ରେମଭକ୍ତି ରଖିଥିବା ଜ୍ଞାନୀଭକ୍ତ ଅତ୍ୟନ୍ତ ଉତ୍ତମ ଅଟନ୍ତି; କାରଣ ମୋତେ ତତ୍ତ୍ୱତଃ ଜାଣିଥିବା ଜ୍ଞାନୀଙ୍କର ମୁଁ ଅତ୍ୟନ୍ତ ପ୍ରିୟ ଏବଂ ସେହି ଜ୍ଞାନୀ ମୋର ଅତ୍ୟନ୍ତ ପ୍ରିୟ | ||୭-୧୭ || Among them the wise one, who is ever united with Me and whose devotion is single minded, is the best. Because, I am very dear to the wise, and the wise is very dear to Me. (7.17)

## ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ .

## ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ .. ୭-୧୮..

ଏମାନେ ସମସ୍ତେ ହିଁ ଉଦାର ଅଟନ୍ତି; କିନ୍ତୁ ମୋ ମତରେ ଜ୍ଞାନୀ ତ ସାକ୍ଷାତ୍ ମୋର ହିଁ ସ୍ୱରୂପ ଅଟନ୍ତି; କାରଣ ସେହି ମଦ୍‌ଗତ ମନ--ବୁଦ୍ଧିସମ୍ପନ୍ନ ଜ୍ଞାନୀଭକ୍ତ ଅତି ଉତ୍ତମ ଗତିସ୍ୱରୂପ ମୋଠାରେ ହିଁ ଭଲରୂପେ ଅବସ୍ଥିତ ହୋଇଥାନ୍ତି ||୭-୧୮ || All these (seekers) are indeed noble, but I regard the wise as My very Self, because the one who is steadfast becomes one with the Supreme Being. (See also 9.29) (7.18)

## ବହୂନାଂ ଜନ୍ମନାମଂତେ ଜ୍ଞାନବାନ୍ମାଂ ପ୍ରପଦ୍ୟତେ .

## ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ .. ୭-୧୯..

ବହୁଜନ୍ମର ଶେଷ ଜନ୍ମରେ ତତ୍ତ୍ୱଜ୍ଞାନପ୍ରାପ୍ତ ପୁରୁଷ ' ସବୁ କିଛି କେବଳ ବାସୁଦେବ ହିଁ ଅଟେ' -- ଏହି ଭାବ ରଖି ମୋତେ ଭଜନ୍ତି | ସେପରି ମହାତ୍ମା ଅତ୍ୟନ୍ତ ଦୁର୍ଲଭ | ||୭-୧୯ || After many births the wise ones resort (or surrender) to Me by realizing that everything is (a manifestation of) Brahman indeed. Such a great soul is very rare. (7.19)

## କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟଂତେଽନ୍ୟଦେବତାଃ .

## ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା .. ୭-୨୦..

ଭୋଗକାମନାଦ୍ୱାରା ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇଯାଇଛି, ସେମାନେ ନିଜ ନିଜର ସ୍ୱଭାବଦ୍ୱାରା ପ୍ରେରିତ ହୋଇ ସେହି ସେହି ନିୟମ ଧରି ଅନ୍ୟ ଦେବତାମାନଙ୍କୁ ଭଜନ୍ତି ଅର୍ଥାତ୍ ପୂଜା କରନ୍ତି ||୭-୨୦ || They, whose wisdom has been carried away by various desires impelled by their own Sanskaara, resort to other gods (or deities) and practice various religious rites. (7.20)

## ଯୋ ଯୋ ୟାଂ ୟାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚିତୁମିଚ୍ଛତି .

## ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ .. ୭-୨୧..

ଯେଉଁ ଯେଉଁ ସକାମ ଭକ୍ତ ଯେଉଁ ଯେଉଁ ଦେବତାଙ୍କ ସ୍ୱରୂପକୁ ଶ୍ରଦ୍ଧାରେ ପୂଜା କରିବାକୁ ଇଛା କରନ୍ତି, ସେହି ସେହି ଭକ୍ତଙ୍କ ଶ୍ରଦ୍ଧାକୁ ମୁଁ ସେହି ଦେବତାଙ୍କ ଠାରେ ସ୍ଥିର କରେ | ||୭-୨୧ ||

Whosoever desires to worship whatever deity (using whatever name, form, and method) with faith, I make their faith steady in that very deity. (7.21)

## ସ ତୟା ଶ୍ରଦ୍ଧୟା ୟୁକ୍ତସ୍ତସ୍ୟାରାଧନମୀହତେ .

## ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ହି ତାନ୍ .. ୭-୨୨..

ସେହି ଭକ୍ତପୁରୁଷ ସେହି ଶ୍ରଦ୍ଧାରେ  ଯୁକ୍ତ ହୋଇ ସେହି ଦେବତାଙ୍କୁ ଆରାଧନା କରନ୍ତି ଓ ମୋରି ଦ୍ୱାରା ବିଧାନ କରାଯାଇଥିବା ତାଙ୍କର ସେହି ଇଚ୍ଛିତ ଭୋଗମାନଙ୍କୁ ସେହି ଦେବତାଙ୍କ ଠାରୁ ନିଃସନ୍ଦେହ ଲାଭ କରନ୍ତି ||୭-୨୨ ||

Endowed with steady faith they worship that deity, and fulfill their wishes through that deity. Those wishes are, indeed, granted only by Me. (7.22)

## ଅଂତବତ୍ତୁ ଫଲଂ ତେଷାଂ ତଦ୍ଭବତ୍ୟଲ୍ପମେଧସାମ୍ .

## ଦେବାନ୍ଦେବୟଜୋ ୟାଂତି ମଦ୍ଭକ୍ତା ୟାଂତି ମାମପି .. ୭-୨୩..

ପରନ୍ତୁ ସେହି ଅଳ୍ପବୁଦ୍ଧିମାନଙ୍କର ସେହି ଫଳ ନାଶବାନ୍ ହୁଏ ତଥା ସେହି ଦେବପୂଜକମାନେ ଦେବତାଙ୍କୁ ପାଆନ୍ତି; କିନ୍ତୁ ମୋର ଭକ୍ତମାନେ ମୋତେ ଯେକୌଣସିରୂପରେ ଭଜନ କଲେ ମଧ୍ୟ ଶେଷରେ ମୋତେ ହିଁ ପାଆନ୍ତି ||୭-୨୩ ||

Such (material) gains of these less intelligent human beings are temporary. The worshipers of Devas go to Devas, but My devotees come to Me. (7.23)

## ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟଂତେ ମାମବୁଦ୍ଧୟଃ .

## ପରଂ ଭାବମଜାନଂତୋ ମମାବ୍ୟୟମନୁତ୍ତମମ୍ .. ୭-୨୪..

ବୁଦ୍ଧିହୀନ ମନୁଷ୍ୟମାନେ ମୋର ଅନୁତ୍ତମ ଅବିନାଶୀ ପରମ ଭାବକୁ ନ ଜାଣି, ମନ-ଇନ୍ଦ୍ରିୟର ଅତୀତ ମୋତେ -- ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ସାଧାରଣ ମନୁଷ୍ୟପରି ଜନ୍ମ ହୋଇ ବ୍ୟକ୍ତିଭାବ ପ୍ରାପ୍ତ ହୋଇଛି ବୋଲି ମନେ କରନ୍ତି ||୭-୨୪ ||

The ignorant think of Me, the Para-Brahman, as having no form or personality and I can take (any physical) form; because (these) people are not being able to comprehend My supreme imperishable and incomparable existence. (7.24)

## ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ .
## ମୂଢୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ .. ୭-୨୫..

ନିଜ ଯୋଗମାୟାରେ ଲୁଚିରହିଥିବାରୁ ମୁଁ ସମସ୍ତଙ୍କୁ ପ୍ରତ୍ୟକ୍ଷ ହୁଏ ନାହିଁ; ତେଣୁ ଏହି ଅଜ୍ଞାନୀ ଲୋକେ ମୋତେ ଅଜନ୍ମା ଓ ଅବିନାଶୀ ପରମେଶ୍ୱର ବୋଲି ଜାଣନ୍ତି ନାହିଁ ଅର୍ଥାତ୍ ମୋତେ ଜନ୍ମମରଣଶୀଳ ବୋଲି ଭାବନ୍ତି ||୭-୨୫ ||

The word 'Avyakta' has been used in verses 2.25, 2.28, 7.24, 8.18, 8.20, 8.21, 9.04, 12.01, 12.03, 12.05, and 13.05. It takes different meaning according to the context. Avyakta does not mean formless; it means unmanifest or a transcendental form that is invisible to our physical eyes. It is used in the sense of unmanifest Prakriti, and also in the sense of Para-Brahman. The Para-Brahman or absolute consciousness is higher than both Brahman and the unmanifest Prakriti. Para-Brahman (or Krishna) is imperishable, without any origin and end. Para-Brahman is not formless. It has Divya Roopa, a transcendental form and Supreme Personality. The ignorant think of the Lord as formless because He is not visible. Because: Veiled by My divine Maya, I am not known by all. Therefore, the ignorant one does not know Me as the unborn and eternal Brahman. (7.25)

## ବେଦାହଂ ସମତୀତାନି ବର୍ତମାନାନି ଚାର୍ଜୁନ .
## ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ .. ୭-୨୬..

ହେ ଅର୍ଜୁନ! ଅତୀତରେ ଯେଉଁମାନେ ଥିଲେ, ବର୍ତ୍ତମାନ ଯେଉଁମାନେ ଅଛନ୍ତି, ତଥା ଭବିଷ୍ୟତରେ ଯେଉଁମାନେ ଜାତ ହେବେ, ସେହି ସକଳ ଭୂତପ୍ରାଣୀଙ୍କୁ ମୁଁ ଜାଣେ, କିନ୍ତୁ ଶ୍ରଦ୍ଧାଭକ୍ତିହୀନ କୌଣସି ପୁରୁଷ ମୋତେ ଜାଣେ ନାହିଁ ||୭-୨୬ ||

I know, O Arjuna, the beings of the past, of the present, and those of the future, but no one really knows Me. (7.26)

## ଇଚ୍ଛାଦ୍ୱେଷସମୁତ୍ଥେନ ଦ୍ୱଂଦ୍ୱମୋହେନ ଭାରତ .
## ସର୍ବଭୂତାନି ସମ୍ମୋହଂ ସର୍ଗେ ୟାଂତି ପରଂତପ .. ୭-୨୭..

ହେ ଭରତବଂଶୀ ଅର୍ଜୁନ! ସଂସାରରେ ଇଛା ଓ ଦ୍ୱେଷରୁ ଉତ୍ପନ୍ନ ସୁଖ-ଦୁଃଖାଦି ଦ୍ୱନ୍ଦ୍ୱରୂପକ ମୋହଯୋଗୁଁ ସମସ୍ତ ପ୍ରାଣୀ ଅତ୍ୟନ୍ତ ଅଜ୍ଞତା ପ୍ରାପ୍ତ ହେଉଛନ୍ତି | ||୭-୨୭ || All beings in this world are in utter ignorance due to the delusion of dualities born of likes and dislikes, O Arjuna. (7.27)

## ୟେଷାଂ ତ୍ୱଂତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ .
## ତେ ଦ୍ୱଂଦ୍ୱମୋହନିର୍ମୁକ୍ତା ଭଜଂତେ ମାଂ ଦୃଢବ୍ରତାଃ .. ୭-୨୮..

କିନ୍ତୁ ନିଷ୍କାମଭାବରେ ଶ୍ରେଷ୍ଠକର୍ମ କରୁଥିବା ଯେଉଁ ପୁରୁଷମାନଙ୍କର ପାପ ନଷ୍ଟ ହୋଇଗଲାଣି, ସେହି ରାଗ-ଦ୍ୱେଷଜନିତ ଦ୍ୱନ୍ଦ୍ୱରୂପକ ମୋହରୁ ମୁକ୍ତ ହୋଇଥିବା ଦୃଢନିଶ୍ଚୟୀ ଭକ୍ତମାନେ ମୋତେ ସକଳପ୍ରକାରେ ଭଜନ କରନ୍ତି | ||୭-୨୮ ||

Persons of virtuous (or unselfish) deeds, whose Karma has come to an end, become free from the delusion of dualities and worship Me with firm resolve. (7.28)

## ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ୟତଂତି ୟେ .

## ତେ ବ୍ରହ୍ମ ତଦ୍ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ .. ୭-୨୯..

ଯେଉଁମାନେ ମୋର ଶରଣ ନେଇ ଜରା ଓ ମରଣରୁ ମୁକ୍ତି ପାଇବାପାଇଁ ଯତ୍ନ କରନ୍ତି, ସେମାନେ ସେହି ବ୍ରହ୍ମକୁ,ସଂପୂର୍ଣ୍ଣ ଅଧ୍ୟାତ୍ମକୁ ଓ  ସମସ୍ତ କର୍ମକୁ ଜାଣନ୍ତି ||୭-୨୯ ||

Those who strive for freedom from (the cycles of birth) old age and death by taking refuge in Me know Brahman, the individual self, and Karma in its entirety. (7.29)

## ସାଧିଭୂତାଧିଦୈବଂ ମାଂ ସାଧିୟଜ୍ଞଂ ଚ ୟେ ବିଦୁଃ .

## ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ୟୁକ୍ତଚେତସଃ .. ୭-୩୦..

ଯେଉଁମାନେ ଅଧିଭୂତ, ଅଧିଦୈବ ଏବଂ ଅଧିଯଜ୍ଞ ସହିତ ସମସ୍ତଙ୍କର ଆତ୍ମରୂପ ମୋତେ ଅନ୍ତକାଳରେ ହେଲେ ମଧ୍ୟ ଜାଣନ୍ତି, ସେହି ଯୁକ୍ତଚିତ୍ତ ମନୁଷ୍ୟମାନେ ମୋତେ ଜାଣନ୍ତି ଅର୍ଥାତ୍ ମୋତେ ପ୍ରାପ୍ତ ହୁଅନ୍ତି ||୭-୩୦ ||

The steadfast persons, who know that Brahman is everything, the Adhibhoota, the Adhidaiva, and the Adhiyajna, remember Me even at the time of death (and attain Me). (See also 8.04) (7.30)

## ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ

## ବ୍ରହ୍ମବିଦ୍ୟାୟାଂ ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ

## ଜ୍ଞାନବିଜ୍ଞାନୟୋଗୋ ନାମ ସପ୍ତମୋଽଧ୍ୟାୟଃ .. ୭..

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO     odiaorg@gmail.com**